**ସଂକ୍ଷେପରେ**

### ବାଲିଗୁଡା ମା' ପାଟଖଣ୍ଡା ଠିକାଦାର ସଂଘ ବୈଠକ

ବାଲିଗୁଡା,୧୩।୩(ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡାସ୍ଥିତ ମା' ପାଟଖଣ୍ଡା ଠିକାଦାର ସଂଘର ଏକ ବୈଠକ ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଠିକାଦାରମାନଙ୍କ ବିଭିନ୍ନ ଠିକା କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଛି। କନ୍ଧମାଳ ଜିଲା ବିଭିନ୍ନ ସରକାରୀ କାର୍ଯ୍ୟ ଗୁଡିକରେ ଠିକା କାର୍ଯ୍ୟ ସଂଘର ଅନୁମତି ବିନା ଅନ୍ୟ ଜିଲା ଠିକାଦାର ମାନଙ୍କୁ ବାରଣ କରାଯାଇଛି। ଏଥିରେ ନୂତନ ସଦସ୍ୟ ଗ୍ରହଣ କରାଯିବା ସହିତ ପ୍ରତି ବ୍ଲକରୁ ୩ ଜଣ ସଦସ୍ୟ କାର୍ଯ୍ୟକାରିଣୀରେ ସାମିଲ ପାଇଁ ନିଷ୍ପତ୍ତି ହୋଇଛି। ଏଥି ସହିତ ଠିକାଦାର ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ଦାରିଙ୍ଗବାଡି, କୋଟଗଡ, ତୁମୁଡିବନ୍ଧ, କ.ନୂଆଗାଁ ଏବଂ ବାଲିଗୁଡା ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ଠିକାଦାର ଯୋଗ ଦେଇଥିଲେ। ସଂଘ ଉପସଭାପତି ପ୍ରଦୀପ କୁମାର ନାୟକ, ପ୍ରକାଶ ନାୟକ, ସାଧାରଣ ସମ୍ପାଦକ ରଞ୍ଜିତ କୁମାର ସାହୁ, କୋଷାଧ୍ୟକ୍ଷ ଅଭୟ କୁମାର ପାତ୍ର ସମେତ ଦିବାକର ବେହେରା, ଜିତୁ ପାତ୍ର, ସୁଜିତ ପାଳ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

ଅବ୍ୟବହୃତ ଶିଳ୍ପ ଜମି ଓ ଟାଇଟାନିୟମ୍ ପ୍ଲାଣ୍ଟ ସମସ୍ୟା

### ବିଧାନସଭାରେ ସ୍ୱର ଉଠାଇଲେ ଛତ୍ରପୁର ବିଧାୟକ

ଗଞ୍ଜାମ,୧୩।୩(ଅନାଥ ତରାଇ)

ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ଅବ୍ୟବହୃତ ଶିଳ୍ପ ଜମି ଏବଂ ବନ୍ଦ ପଡ଼ିଥିବା ଟାଇଟାନିୟମ୍ ପ୍ଲାଣ୍ଟ ସମସ୍ୟାକୁ ନେଇ ବିଧାନସଭାରେ ଶୁକ୍ରବାର ଆଲୋଚନା ହୋଇଥିଲା। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି, ପୂର୍ବ ସରକାର ସମୟରେ ଇଡ଼କୋ ଦ୍ୱାରା ବହୁ ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ ସେଠାରେ କୌଣସି ଶିଳ୍ପ ହୋଇନାହିଁ। ଏହି ଜମିଗୁଡ଼ିକ ବର୍ଷ ବର୍ଷ ଧରି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି। ତାହାକୁ ଫେରାଇ ଆଣିବା ସହ କିଭଳି ଶିଳ୍ପ ଆରମ୍ଭ ହେବ ସେ ନେଇ ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ନିକଟରୁ ଜାଣିବାକୁ ଚାହିଁଥିଲେ। ଏହାସହ ଜିଲାରେ ଥିବା ଟାଇଟାନିୟମ୍ ପ୍ଲାଣ୍ଟ ଗତ ୨-୩ ବର୍ଷ ଧରି ବନ୍ଦ ରହିବା ଫଳରେ ପ୍ରାୟ ୪୦୦ରୁ ଅଧିକ କର୍ମଚାରୀ କାମ ହରାଇଛନ୍ତି। ଏହି କମ୍ପାନୀକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ସହ ଛଟେଇ ହୋଇଥିବା ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ବିଧାୟକ ନାୟକ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ସ୍ୱାଇଁ ଉତ୍ତରରେ କହିଛନ୍ତି, ଇଡକୋ ତର୍ଜମା କରି ବିଭିନ୍ନ ସମୟରେ ଅନେକ ଜମି ଫେରାଇ ଆଣିଛୁ। ଅନ୍ୟ କିଛି ସ୍ଥାନରେ ଯେଉଁ ସବୁ ଜମି ଅଛି ସେସବୁ ଜୁଡ଼ିସିଆଲ ମାମଲାରେ ବହୁ ଜମି ଅର୍ନ୍ତଭୁକ୍ତ ହୋଇଛି। ବାକି ରହିଯାଇଥିବା ଜମି ସମ୍ପର୍କରେ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଥିଲେ। ମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ସରକାର ରେୟାର୍ ଅର୍ଥ ମିନେରାଲ କରିଡ଼ର କରିବା ପାଇଁ ଯେଉଁ ରାଜ୍ୟ ଗୁଡ଼ିକ ଘୋଷଣା କରିଛନ୍ତି। ସେଥି ମଧ୍ୟରେ ଓଡ଼ିଶା ବି ସ୍ଥାନ ପାଇଛି। ବନ୍ଦ ପଡ଼ିଥିବା ଟାଇଟାନିୟମ୍ ପ୍ଲାଣ୍ଟ ପ୍ରସଙ୍ଗକୁ ବିଚାରକୁ ନିଆଯାଇ ପ୍ଲାଣ୍ଟ କିଭଳି ଚାଲୁ ହେବ ଏବଂ ଶ୍ରମିକ ମାନେ କିଭଳି ପୂର୍ଣ୍ଣ ଥଇଥାନ ହେବେ ତାକୁ ବିଚାରକୁ ନିଆଯାଇ ନିଆଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।

# ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ଜିଲା କଂଗ୍ରେସର ବିକ୍ଷୋଭ

ଛତ୍ରପୁର,୧୩।୩ (ଦିଲୀପ ସାମଲ)

ଏଲପିଜି ବା ରନ୍ଧନ ଗ୍ୟାସକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା ବିରୋଧରେ ଗଞ୍ଜାମ ଜିଲା କଂଗ୍ରେସ କମିଟି (ପୂର୍ବ) ଏହାର ପ୍ରତିବାଦ କରିଛି। ଦଳ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଇରାନ ଯୁଦ୍ଧ ସାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି କରିଛି। ଏହାର ପ୍ରଭାବରେ ଭାରତରେ ଗ୍ୟାସର ଅଭାବ ଦେଖାଦେଇ ଏହାର ଦରବୃଦ୍ଧି ହୋଇଛି। ସରକାରଙ୍କ ଦରବୃଦ୍ଧି ପଦକ୍ଷେପକୁ କଂଗ୍ରେସ ଦୃଢ ବିରୋଧ କରିଛି। ଅନ୍ୟପକ୍ଷରେ



ଜିଲା କଂଗ୍ରେସ କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଖାଉଟିଙ୍କୁ ଠିକ ସମୟରେ ରନ୍ଧନ ଗ୍ୟାସ ନ ମିଳି ଏହାର କଳାବଜାର ହେଉଥିବା ଅଭିଯୋଗ ହେଉଛି। ସମସ୍ୟାର ସମାଧାନ କରି ତୁରନ୍ତ ଠିକ୍ ସମୟରେ ଖାଉଟିଙ୍କୁ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବା ଦାବି ନେଇ କଂଗ୍ରେସ ରାସ୍ତାକୁ ଓହ୍ଲାଇଛି। ସମସ୍ୟା ସମାଧାନ ନ ହେଲେ ଜିଲା କଂଗ୍ରେସ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ଜିଲା ଉପ ସଭାପତି ଅଶୋକ ପଟ୍ଟନାୟକ ଓ ବୃନ୍ଦାବନ ଖଟେଇ, ଜିଲା ସାଧାରଣ ସମ୍ପାଦିକା ସୁଜ୍ଞାନୀ ପଟ୍ଟନାୟକ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ, ଛତ୍ରପୁର ବ୍ଲକ କଂଗ୍ରେସ ସଭାପତି ସୁଦାମ ପୁରୋହିତ, ପୂର୍ବତନ ଟାଉନ ସଭାପତି କାଳିଆ ରାଉଳ, ଯୋଗୀ ବେହେରା, ଚକ୍ରଧର ବେହେରାଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ।

# ଖୋଲାଗଲା ପାଟଖଣ୍ଡା ମନ୍ଦିର ହୁଣ୍ଡି

ଦାରିଙ୍ଗବାଡି,୧୩।୩(ଅରୁଣ ସାହୁ):

ଦାରିଙ୍ଗବାଡିରେ ପୂଜିତା ମା' ପାଟଖଣ୍ଡାଙ୍କ ମନ୍ଦିର ହୁଣ୍ଡି ଗୁରୁବାର ଖୋଲାଯାଇଛି। ସମସ୍ତଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇ ସେଥିରୁ ମିଳିଥିବା ସୁନା, ରୁପା ସହ ଅର୍ଥକୁ ଗଣତି କରାଯାଇଥିଲା। ମିଳିଥିବା ସୁନା ଓ ରୁପାକୁ ବିକ୍ରି ବାବଦ ୨୨ ହଜାର ଓ ନଗଦ ୧ ଲକ୍ଷ ୨୪ ହଜାର ୫୮ ଟଙ୍କା ଏପରି ମୋଟ ୧ ଲକ୍ଷ ୪୬ ହଜାର ୫୮ ଟଙ୍କା ବ୍ୟାଙ୍କରେ ଜମା କରାଯାଇଥିବା ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।

**୧୯ରୁ ୯ ଦିନ ବ୍ୟାପୀ ବାସନ୍ତିକ ପୂଜା**

ଏହି ଅବସରରେ ବାସନ୍ତିକ ପୂଜା ପାଇଁ ମା' ପାଟଖଣ୍ଡା ପୂଜା କମିଟିର ସଭାପତି ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୯ ତାରିଖରୁ ୯ ଦିନ ଧରି ବାସନ୍ତିକ ପୂଜା ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ବରିଷ୍ଠ ନାଗରିକ ସଂଘ ସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ପତିତପାବନ ରାଉତ, ଆଇନଜୀବୀ ଉମେଶ କର, ଭଗବତ ମଣ୍ଡପର ସଭାପତି ସରୋଜ କୁମାର ସାହୁ, ଦୁର୍ଗାପୂଜା କମିଟିର ସଭାପତି ଜୟଚନ୍ଦ୍ର ପତ୍ରା, ଲକ୍ଷ୍ମୀ ପୂଜା କମିଟିର ସଭାପତି ବଂଶୀଧର ସାହୁ, ଅବନୀ ସାହୁ, ନବୀନ ଚନ୍ଦ୍ର ସାହୁ, ଅକ୍ଷୟ ସାହୁ, ମୁନା ଡାକୁଆ, ମୋହନ ସାହୁ, କାହ୍ନୁ ନାୟକ, ବସନ୍ତ ବେହେରା, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରିକା ମଳିକ ପ୍ରମୁଖ ଉପସ୍ଥିତ ଥିଲେ। ହୁଣ୍ଡି ଖୋଲାଯିବା ସମୟରେ ସ୍ଥାନୀୟ ଆଇଆଇସି ସଂଗ୍ରାମ କେଶରୀ ଜେନା ଉପସ୍ଥିତ ରହିଥିଲେ।

# ମହିଳା ଫ୍ରେଣ୍ଡଲି ପଞ୍ଚାୟତ ପାଇଁ ଗୁଡ଼ିପଦରରେ କେନ୍ଦ୍ରୀୟ ଟିମ୍



କେନ୍ଦ୍ରୀୟ ଟିମ୍ ସହ ଜନ ପ୍ରତିନିଧି ଓ ଅନ୍ୟମାନେ।

ପାତ୍ରପୁର,୧୩।୩(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସୀମାନ୍ତ ଗୁଡିପଦର ପଞ୍ଚାୟତକୁ ମହିଳା ଫ୍ରେଣ୍ଡଲି ପଞ୍ଚାୟତ ଭାବରେ ମନୋନୀତ କରିବା ପାଇଁ ଶୁକ୍ରବାର ଏହି ପଞ୍ଚାୟତରେ ଏକ କେନ୍ଦ୍ରୀୟ ଟିମ୍ ପହଞ୍ଚି ତଦାରଖ କରିଛନ୍ତି। ଏଥିପାଇଁ ଚଳିତ ବର୍ଷ ପାତ୍ରପୁର ବ୍ଲକର ମହିଳା ଫ୍ରେଣ୍ଡଲି ପଞ୍ଚାୟତ ଚୟନ ପ୍ରକ୍ରିୟାରେ ସାମିଲ ପାଇଁ ୨୩ଟି ପଞ୍ଚାୟତର ସବିଶେଷ ତଥ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରାଯାଇଥିଲା। ଏହାକୁ ଅନୁଧ୍ୟାନ କରି ତଦାରଖ ଲାଗି କେନ୍ଦ୍ରୀୟ ଟିମ୍ ପହଞ୍ଚି ୨ଟି ଗ୍ରାମ ଗୁଡିପଦର ଓ ବଳରାମପୁର ଗ୍ରାମ ପରିଦର୍ଶନ କରିବା ସହ ଫାଇଲପତ୍ର ଅନୁଧ୍ୟାନ କରି ଫେରିଛନ୍ତି। ଟିମ୍‌ରେ ଏସ୍‌ଆଇଆର୍‌ଡି ବିଜୟ କୁମାର, ପ୍ରଦୀପ ମହାପାତ୍ର, ସିଡିଓ ବିଜୟ ବେହେରା, ଡିପିଏମ ଜଗନ୍ନାଥ ସାହୁ ଥିଲେ। କେନ୍ଦ୍ରୀୟ ଟିମ୍ ପହଞ୍ଚିବା ପରେ ମହିଳାମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ କେନ୍ଦ୍ରୀୟ ଟିମ୍ ସହ ପାତ୍ରପୁର ବ୍ଲକ ଅଧ୍ୟକ୍ଷା ୱାଇ. ସଞ୍ଜୁକ୍ତା ରେଡ୍ଡୀ, ସରପଞ୍ଚ ଜି. ଶ୍ରୀଦେବୀ ସେଠୀ, ପୂର୍ବତନ ସରପଞ୍ଚ ୱାଇ. ମହୋନ ରାଓ, ଏବିଡିଓ ବିଜୟ ପ୍ରଧାନ, ସିପି ଦେବାଶିଷ ପ୍ରଧାନ, ବିଏସ୍‌ଏସ୍‌ଓ ସ୍ନେହାଶିଷ ପଟ୍ଟନାୟକ, ଏପିଓ ପ୍ରଣତି ପୁରୋହିତ, ପିଇଓ ମୋହନ ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କୃଷକ ଏକତା ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୧୩।୩(ଗିରିଧାରୀ ପରିଚ୍ଛା)

କୃଷକ ଏକତା ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ମାର୍ଚ୍ଚ ୨୨ରେ କେନ୍ଦୁଝରର ଘଟଗାଁ ତାରିଣୀଙ୍କ ପୀଠରେ ପହଞ୍ଚି ସେହି ଦିନ ଭୁବନେଶ୍ୱର ପଦଯାତ୍ରାରେ ବାହାରି ୩୧ ତାରିଖରେ ପହଞ୍ଚିବାକୁ ସ୍ଥିର କରାଯାଇଛି। ସେହିଦିନ ପଦଯାତ୍ରା ଶେଷ ହେବ। ଏଥିରେ ଗଜପତି ଜିଲାରୁ ପ୍ରାୟ ୧ହଜାର ଚାଷୀ ଯୋଗ ଦେବାକୁ ନିଷ୍ପତ୍ତି ହୋଇଛି। ବୟସ୍କ ଚାଷୀଙ୍କୁ ମାସିକ ୧୦ହଜାର ପେନସନ, ବାର୍ଦ୍ଧକ୍ୟ ଭତ୍ତା ୩୫୦୦, ମଣ୍ଡିରେ କଟିନି ଛଟିନି ବନ୍ଦ କରିବା, ସମସ୍ତ ଜମିକୁ ଜଳସେଚନ କରିବା, ନିଶାମୁକ୍ତ ଓଡିଶା ଗଠନ କରିବା ସହ ୨୧ ଦଫା ସମ୍ବଳିତ ଦାବ ନେଇ ଏହି କୃଷକ ଏକତା ପଦଯାତ୍ରା ହେବ ବୋଲି ନବନିର୍ମାଣ କୃଷକ ସଂଗଠନର ଜିଲା ପ୍ରଭାରୀ ରଞ୍ଜିତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଏସ. ବାଲାରାଜୁ ତିରୁପତି ରାଓ ପ୍ରମୁଖ କହିଛନ୍ତି।

### ସୋରଡ଼ା ବାର୍ ଆସୋସିଏଶନ ପ୍ରାର୍ଥିପତ୍ର ପ୍ରତ୍ୟାହାର କଲେ ଅରୁଣ

ସୋରଡା,୧୩।୩(ରଜନି ମହାପାତ୍ର): ସୋରଡା ବାର ଆସୋସିଏଶନ୍ ନିର୍ବାଚନ ନିମନ୍ତେ ସଭାପତି ପଦବୀ ଦୌଡ଼ରେ ବରିଷ୍ଠ ଓକିଲ ଅରୁଣ କୁମାର ଦାସ, ଜିତେନ୍ଦ୍ର କୁମାର ଧଳ ଓ କାଳି ଚରଣ ପାଢ଼ୀ ରହିଥିଲେ। ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାବହାର ଦିବସରେ ବରିଷ୍ଠ ଓକିଲ ଅରୁଣ କୁମାର ଦାସ ନିଜ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରିଛନ୍ତି। ଫଳରେ ଏହି ପଦ ପାଇଁ ବର୍ତ୍ତମାନ ଜିତେନ୍ଦ୍ର କୁମାର ଧଳ ଓ ପୂର୍ବତନ ସଭାପତି କାଳି ଚରଣ ପାଢ଼ୀ ନିର୍ବାଚନ ଲଢ଼ିବାକୁ ସ୍ଥିର ହୋଇଥିବା ନିର୍ବାଚନ ଅଧିକାରି ଶକ୍ତି ରଞ୍ଜନ ସୁଆର କହିଛନ୍ତି। ସେହିପରି ଉପସଭାପତି ପଦବୀ ପାଇଁ ନୀଳାଞ୍ଚଳ ବିଷୋୟୀ ଜଣେ ମାତ୍ର ନାମାଙ୍କନ ଦାଖଲ କରିଥିବାରୁ ସେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସହ ସମ୍ପାଦକ ପଦବୀ ପାଇଁ ପ୍ରିୟରଞ୍ଜନ ପାଢ଼ୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ପଦବୀ ପାଇଁ ରଜନି କୁମାର ପଟ୍ଟନାୟକ ଓ ଶ୍ରାବଣୀ ଦାସଙ୍କ ଏହି ୨ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ସ୍ଥିର ହୋଇଛି। ଆସନ୍ତା ୨୮ ତାରିଖରେ ଭୋଟ ହେବ ବୋଲି ନିର୍ବାଚନ ଅଧିକାରୀ ଶକ୍ତି ରଞ୍ଜନ ସୁଆର କହିଛନ୍ତି।

### ମହିଳା ସଂଘର ଏକତ୍ରୀକରଣ କାର୍ଯ୍ୟକ୍ରମ

ଧରାକୋଟ,୧୩।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ନିକଟସ୍ଥ ମୁଣ୍ଡମରାଇ କଳିଙ୍ଗ ବୈଶ ମହିଳା ସଂଘ ପକ୍ଷରୁ ସଂଘର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସଚଳା ପଟ୍ଟନାୟକ, ସଂଘର ସଭାନେତ୍ରୀ ସିଏଚ୍ ସସ୍ମିତା ସୁବୁଦ୍ଧି, ସମ୍ପାଦିକା ସିଏଚ୍ ଚାନ୍ଦିନୀ ସୁବୁଦ୍ଧି, କୋଷାଧ୍ୟକ୍ଷ ଏନ୍. ସୁଶ୍ରୀ ଚୌଧୁରୀ ଯୋଗ ଦେଇଥିଲେ। ନାରୀ ନିଜ ଲୁକ୍କାଇତ ପ୍ରତିଭା ପ୍ରଦର୍ଶନ କଲେ ସମାଜର ଉନ୍ନତୀ ହେବା ସହିତ ଦେଶ ବିକାଶ କରିବ ବୋଲି ସେ କହିଥିଲେ।

### ଖେମୁଣ୍ଡି ଓକିଲ ସଂଘ ନିର୍ବାଚନ

# ବିଭିନ୍ନ ପଦବୀ ପାଇଁ ୯ ପ୍ରାର୍ଥୀ

ଦିଗପହଣ୍ଡି,୧୩।୩(ଅଶେଷ ନାଥ ମିଶ୍ର)

ରାଜ୍ୟ ବାର କାଉନସିଲ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ମୋଟ ୫ ପଦବୀ ପାଇଁ ୧୦ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସରେ ସନ୍ଧ୍ୟା ୫ଟା ସୁଦ୍ଧା ସଭାପତି ପଦବୀ ପାଇଁ ଆଇନଜୀବୀ ରସାନନ୍ଦ ରାଉତ ଏବଂ ସମ୍ପାଦକ ପଦବୀ ପାଇଁ ଆଇନଜୀବୀ ପ୍ରଦୀପ ନାୟକ ଦାଖଲ କରିଥିବା ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେଇଥିବା ନିର୍ବାଚନ ଅଧିକାରୀ ଚନ୍ଦ୍ରଧ୍ୱଜ ସିଂହ ଏବଂ ଅତିରିକ୍ତ ନିର୍ବାଚନ ଅଧିକାରୀ ନୀଳମାଧବ ରଥ କହିଛନ୍ତି। ସଭାପତି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ହୃଦୟ ରଞ୍ଜନ ମେକାପ, ଏ.ସୋମେଶ୍ୱର ରାଓ, ଉପସଭାପତି ଲାଗି ସଞ୍ଜୟ ପଣ୍ଡା ଓ ସୁକାନ୍ତ କୁମାର ପ୍ରଧାନ, ସମ୍ପାଦକ ପଦବୀ ପାଇଁ କୁରେଶୁ ପଣ୍ଡା, ସନ୍ତୋଷ ସାହୁ, ସହସମ୍ପାଦକ ନିମନ୍ତେ ରବିଚନ୍ଦ୍ର ଗୌଡ଼ ଏବଂ ଜୟକୃଷ୍ଣ ମହାପାତ୍ର, କୋଷାଧ୍ୟକ୍ଷ ପଦବୀରେ ସୀମାଞ୍ଚଳ ପ୍ରଧାନ ରହିଛନ୍ତି। ସେମାନଙ୍କ ନାମାଙ୍କନପତ୍ର କାଏମ ରହିଛି। କୋଷାଧ୍ୟକ୍ଷ ପଦବୀରେ ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାରୁ ସେ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଛନ୍ତି। କେବଳ ଆନୁଷ୍ଠାନିକ ଘୋଷଣା ବାକି ରହିଛି। ଅନ୍ୟ ସମସ୍ତ ପଦବୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେବ ବୋଲି ଜଣାପଡିଛି। ଚୂଡ଼ାନ୍ତ ପ୍ରାର୍ଥି ତାଲିକା ଶନିବାର ପ୍ରକାଶ ପାଇବ। ୨୮ ତାରିଖ ସକାଳ ୭:୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବ। ୪ଟା ପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ସିଂହ କହିଛନ୍ତି।

### ଆସିକା ଓକିଲ ସଂଘ ନିର୍ବାଚନ

# ୩ ପଦବୀ ଲାଗି ହେବ ପ୍ରତିଦ୍ୱନ୍ଦ୍ୱିତା

ଆସିକା,୧୩।୩(ସୁରେନ୍ଦ୍ର ନାଥ ସାହୁ):

ଆସିକା ଓକିଲ ସଂଘ ନିର୍ବାଚନରେ ସଭାପତି, ଉପସଭାପତି ଓ ସଂପାଦକ ପଦବୀ ଲାଗି ପ୍ରତିଦ୍ୱନ୍ଦିତା ହେଉଛି। ଯୁଗ୍ମ ସଂପାଦକ, କୋଷାଧ୍ୟକ୍ଷ ଓ ଲାଇବ୍ରେରୀ ସଂପାଦକ ପଦବୀ ଅପ୍ରତିଦ୍ୱନ୍ଦୀ ରହିଥିବା ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଜଣାପଡିଛି। ସଭାପତି ପଦବୀ ଲାଗି ଛବିଳରାମ ମିଶ୍ର, ପି. ରବିନ୍ଦ୍ର କୁମାର ପାତ୍ର ଓ ସରୋଜ କୁମାର ନାୟକ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଉପସଭାପତି ଲାଗି ଭରତେନ୍ଦୁ ଭୂଷଣ ନାୟକ, ଜି. ସୂର୍ଯ୍ୟପ୍ରକାଶ ରାଓ ଓ ଶିବ ପ୍ରସାଦ ମହାପାତ୍ର ଏବଂ ସଂପାଦକ ପଦବୀ ଲାଗି ଚିତ୍ତରଞ୍ଜନ ଦାସ ଓ ନାରାୟଣ ମୁନିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ଅନ୍ୟପକ୍ଷରେ ଯୁଗ୍ମ ସଂପାଦକ ପଦବୀ ଲାଗି ଅଜିତ କୁମାର ମୁନି, କୋଷାଧ୍ୟକ୍ଷ ଲାଗି ରାଘବ କୁମାର ନାହାକ ଓ ଲାଇବ୍ରେରୀ ସଂପାଦକ ଭାବେ ସୀମାଞ୍ଚଳ ସେଠୀଙ୍କ ପ୍ରାର୍ଥିପତ୍ର ଅପ୍ରତିଦ୍ୱନ୍ଦି ରହିଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ କାଳି ଚରଣ ଦାସ ସୂଚନା ଦେଇଛନ୍ତି। ଦାଖଲ ନାମାଙ୍କନ ମଧ୍ୟରୁ ଶୁକ୍ରବାର ସଭାପତି ଲାଗି ରବିନ୍ଦ୍ରନାଥ ଶର୍ମା, ସଂପାଦକ ଲାଗି ଦ୍ୱାରିକାନାଥ ପରିଡା ଓ ଯୁଗ୍ମ ସଂପାଦକ ଲାଗି ନୀଳାମ୍ବର ବେହେରା ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ।

# ଲ୍ୟାମ୍ପ ସମବାୟ ସମିତିର ସାଧାରଣ ବୈଠକ



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜି.ଉଦୟଗିରି,୧୩।୩(ଶିଶିର ପଟ୍ଟନାୟକ /ଚିନ୍ମୟ କୁମାର ସେଠୀ): ଜି.ଉଦୟଗିରି ଆଦର୍ଶ ଲ୍ୟାମ୍ପ ସମବାୟ ସମିତି ଲିଃର ବାର୍ଷିକ ସାଧାରଣ ବୈଠକ ସଭାପତି ଯମେସ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଶିଶିରକାନ୍ତ ତ୍ରିପାଠୀ ସମିତିର ସମସ୍ତ ସଦସ୍ୟାସଦସ୍ୟ ଏବଂ ୧୭୦ ଜଣ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ସମସ୍ତ ବିଷୟ ଆଲୋଚନା କରାଯାଇ ଭବିଷ୍ୟତ ଯୋଜନାଗୁଡ଼ିକୁ ମଞ୍ଜୁର କରାଯାଇଛି। କନ୍ଧମାଳ ଜିଲା ଉପନିବନ୍ଧକ ସମବାୟ ସମିତି ସମୂହ ସନ୍ତୋଷ କୁମାର ଦାସ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସହକାରୀ ନିବନ୍ଧକ ଲଳିତ ମାଝୀ, ସହ ସହକାରୀ ନିବନ୍ଧକ ସଞ୍ଜୟ ପଟ୍ଟନାୟକ, ଇନ୍ସପେକ୍ଟର ସତ୍ୟଜିତ ସେଠୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଲ୍ୟାମ୍ପ ପରିସରରେ ନାଫେଡ଼ ଗ୍ରୋସରୀ ଦୋକାନ ଉଦଘାଟନ ହୋଇଥିଲା। ସମିତି ହିସାବ ରକ୍ଷକ ପିତାମ୍ବର ସାହୁ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଗଣ୍ଡଗୋଳ ଘଟଣାରେ ୩ କୋର୍ଟ ଚାଲାଣ

ବେଲଗୁଣ୍ଠା,୧୩।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):

ବେଲଗୁଣ୍ଠା ସିନେମା ହଲ୍ ଛକରେ ଗଣ୍ଡଗୋଳ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗତ ୧୧ ତାରିଖରେ କୋଳି ସାହିର ଚନ୍ଦ୍ରଶେଖର ପାତ୍ର ସିନେମା ହଲ୍ ଛକର କୁନା ବେହେରାଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ୧୨ ତାରିଖରେ ପୁଣି ଥରେ ଉତ୍ତେଜନା ପ୍ରକାଶ ପାଇଥିଲା। କୁନା, ତାଙ୍କ ସ୍ତ୍ରୀ ପ୍ରମିଳା ଏବଂ ପୁଅ ମିଶି ଚନ୍ଦ୍ରଶେଖରଙ୍କୁ ଇଟାରେ ଆକ୍ରମଣ କରିଥିଲେ। ଚନ୍ଦ୍ରଶେଖର ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଚନ୍ଦ୍ରଶେଖରଙ୍କ ଅଭିଯୋଗ ଅନୁଯାୟୀ ନଂ.୯୪/୨୬ରେ ମାମଲା ରୁଜୁ କରି କୁନା ଓ ପ୍ରମିଳାଙ୍କୁ ଗିରଫ କରିଛି। ଅନ୍ୟପଟେ କୁନାଙ୍କ ପାଲଟା ଅଭିଯୋଗ କ୍ରମେ ନଂ.୯୫/୨୬ରେ ମାମଲା ରୁଜୁ କରି ଚନ୍ଦ୍ରଶେଖରଙ୍କୁ ଗିରଫ କରିଛି। ପୋଲିସ ଗିରଫ ୩ ଅଭିଯୁକ୍ତଙ୍କୁ ଭଞ୍ଜନଗର କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି।

# ଧରାକୋଟ ଟିମ୍ ଚାମ୍ପିୟନ

ଧରାକୋଟ,୧୩।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ):



**ରଷିକୁଲ୍ୟା କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ସୋରଡା ରଷିକୁଲ୍ୟା କ୍ରିକେଟ କ୍ଲବ ଦ୍ୱାରା ଶଶି ଭୂଷଣ ମିନି ଷ୍ଟାଡିୟମରେ ଚାଲିଥିବା ୧୬ ତମ ରଷିକୁଲ୍ୟା କ୍ରିକେଟ ଟର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଧରାକୋଟ ୟଙ୍ଗ କ୍ରିକେଟ କ୍ଲବ ଓ ସୋରଡା ରଷିକୁଲ୍ୟା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ ଜିଣି ଧରାକୋଟ ଟିମ୍ ନିର୍ଦ୍ଧାରିତ ୨୦ ଓଭର ଖେଳି ସମସ୍ତ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଥିଲା। ସୋରଡା ଟିମ୍ ଏହି ରନ୍‌ର ପିଛା କରି ସମସ୍ତ ଓଭର ଖେଳି ୧୯୯ ରନ କରିପାରିଥିଲା। ଫଳରେ ଧରାକୋଟ ଟିମ୍ ୨୫ ରନରେ ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରତିନିଧି ବସନ୍ତ କୁମାର ବିଷୋୟୀ, ସମ୍ମାନିତ ଅତିଥି ଭାବେ ସୋରଡା ନଗରପାଳ ଶିବ ଶଙ୍କର ପଣ୍ଡା, ଡ ଆଶିଷ ଖାଡଙ୍ଗା, ସାମାଜିକ କର୍ମୀ ଡୁଲୁ ପାଳ ଓ ନଗର ଭାଜପା ସଭାପତି ସୀତାରାମ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଧରାକୋଟ ଟିମ୍‌ର ଅନିଲ ନାୟକ ମ୍ୟାନ୍ ଅଫ ଦି ମ୍ୟାଚ ଓ ସୋରଡା ଟିମ୍‌ର ପିଙ୍କୁ ମହାରଣା ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଚାମ୍ପିୟନ ଧରାକୋଟ ଟିମ୍‌କୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ସୋରଡା ଟିମ୍‌କୁ ୧୫ ହଜାର ଟଙ୍କା ସହ ରନର୍ସ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ୧୫ଟି ଟିମ୍ ଅଂଶ ଗ୍ରହଣ କରିଥିଲେ।

### ଅଗ୍ନି ସୁରକ୍ଷାକୁ ନେଇ ମକଡ୍ରିଲ

ପାରଳାଖେମୁଣ୍ଡି,୧୩।୩(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ଗୋଷାଣି ବ୍ଲକ ଲାବାଣ୍ୟଗଡ ପଞ୍ଚାୟତ ଅନ୍ତର୍ଗତ ମାରିଙ୍ଗିସ୍ଥିତ କୋଷ୍ଟାଲ ବାୟୋଟେକ୍ ପକ୍ଷରୁ ଅଗ୍ନି ସୁରକ୍ଷାକୁ ନେଇ ଏକ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଗ୍ନିଶମ ଅଧିକାରୀ ଧିରେନ୍ଦ୍ର ଦାଶଙ୍କ ସହ ଅଗ୍ନିଶମ ବିଭିଗର କୃଷ୍ଣଚନ୍ଦ୍ର ଶତପଥୀ, ଲୋକନାଥ ପାଢୀ, ଗାରାବନ୍ଧ ପୋଲିସ, ମେଡିକାଲ ଟିମ୍ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ କୋଷ୍ଟାଲ ବାୟୋଟେକ୍ ପରିସରରେ ଅନ୍ ସାଇଟ ଜରୁରୀକାଳୀନ ମକ ଡ୍ରିଲ କରାଯାଇଥିଲା। ଏହି ଅବସରରେ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀମାନେ ଯୋଗଦେଇ ଜରୁରୀକାଳୀନ ସମୟରେ କିପରି ପ୍ରସ୍ତୁତି କରିବାକୁ ହେବ ସେନେଇ ଅବଗତ କରାଇଥିଲେ। ଯେତେବେଳେ ଇଥାନଲ ଷ୍ଟୋରେଜ, ସାଧାରଣ ଅଗ୍ନି, ବୈଦ୍ୟୁତିକ ଆଘାତ ଏବଂ ଉଚ୍ଚତାରେ କାର୍ଯ୍ୟ କଲାବେଳେ ଦୁର୍ଘଟଣାର ସମ୍ମୁଖୀନ ହେଲେ କିପରି ନିଜେ ସୁରକ୍ଷିତ ରହି ଅନ୍ୟକୁ କିପରି ଉଦ୍ଧାର କରିବେ ସେନେଇ ଅଗ୍ନିଶମ କର୍ମଚାରୀମାନେ ବୁଝାଇଥିଲେ।

# ମିଳିମିଶି ପ୍ରକୃତିର ସୁରକ୍ଷା କରିବାକୁ ପଡ଼ିବ

ଭଞ୍ଜନଗର ୧୩।୩(ବାବୁଲା ପ୍ରଧାନ)



ଡି ଏଫ ଓ ହିମାଂଶୁ ଶେଖର ମହାନ୍ତି ଉଦବୋଧନ ଦେଉଛନ୍ତି।

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଗାଲେରୀ ରେଞ୍ଜରେ ଶୁକ୍ରବାର ବନାଗ୍ନି ପ୍ରଶମନ ଓ ପରିଚାଳନା ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଏଥିରେ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକଙ୍କୁ ସହାୟତା ପାଇଁ ପ୍ରତି ଗ୍ରାମରେ ଅନୁକମ୍ପା କମିଟି ଗଠନ କରାଯିବ ବୋଲି କହିଥିଲେ। ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କୁ ତାଲିମ ମିଳିବ। ଗତ ଦିନରେ ବିଦ୍ୟୁତ୍ ଆଘାତରେ ଏକାଧିକ ହାତୀ ଏହି ବନଖଣ୍ଡରେ ମୃତ୍ୟୁବରଣ କରିଥିଲେ। ତେଣୁ ଟାଟା ପାୱାର ଏବଂ ସ୍ନେହା ଅନୁଷ୍ଠାନ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବନ ବିଭାଗ ସହାୟତାରେ କରାଯାଉଥିବା ସେ ସୂଚନା ଦେଇଥିଲେ। ଦିଲ୍ଲୀର ପରିସ୍ଥିତି ଆମ ଓଡ଼ିଶାରେ ନହେଉ, ଆମକୁ ମିଳିମିଶି ପ୍ରକୃତିର ସୁରକ୍ଷା କରିବାକୁ ସେ ଆହ୍ୱାନ ଦେଇଥିଲେ। ଦିଲ୍ଲୀ, ହରିଆଣାରେ ଲୋକେ ଫସଲ କାଟିବା ପରେ ନଡ଼ା, ପାଳ ସହ ଅନ୍ୟାନ୍ୟ ଜିନିଷ ପୋଡ଼ି ଦେଉଛନ୍ତି। ଏହାଦ୍ୱାରା ବହୁ ପରିମାଣରେ ପ୍ରଦୂଷଣ ହେଉଛି। ଓଡ଼ିଶାରେ ମଧ ଲୋକେ ନଡା ଓ ପାଳରେ ନିଆଁ ଲଗାଇ ଦେଉଛନ୍ତି। ଏହାଦ୍ୱାରା ପରିବେଶ ଉପରେ ପ୍ରଭାବ ପଡି ଆମମାନଙ୍କୁ ହିଁ ତାର ପରିଣାମ ଭୋଗିବାକୁ ପଡୁଛି ବୋଲି ଉପସ୍ଥିତ ବକ୍ତା ତୁରୁମୁ ସରପଞ୍ଚ ଉଷାରାଣୀ ପ୍ରଧାନ, ଅବସରପ୍ରାପ୍ତ ରେଞ୍ଜର ପ୍ରଶାନ୍ତ ସାହୁ, ସାମାଜିକ କର୍ମୀ ରବିନ୍ଦ୍ର ପାତ୍ର, ସୁଶାନ୍ତ ସାହୁ, ଶିବ ଶଙ୍କର ଦାସ, ବିଶ୍ୱମ୍ବର ଜେନା, କାହ୍ନୁ ସାଇଁ, ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଅଧିକାରୀ ବି. ପ୍ରଧାନ, ବନ ସୁରକ୍ଷା କର୍ମକର୍ତ୍ତାମାନେ କହିଥିଲେ। ରେଞ୍ଜର ବିମ୍ବାଧର ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ବନରକ୍ଷୀ ଧରିତ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ବନପାଳ ଅମ୍ରିତା ଜେନା, ଅମର ନାୟକ, ଅନୁରାଧା ଦଳବେହେରା, ବର୍ଷା ରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

